ଏସ୍. ଜାଫର ସାହିବ

ବନାମ

ସଚିବ ଏ.ପି.ପି.ଏସ୍.ସି. ଏବଂ ଓ.ଆର୍.ଏସ୍.

ଅକ୍ଟୋବର 24, 1996

[କେ. ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ—ନିଯୁକ୍ତି—ଆପତ୍ତି କରିବା—9 ବର୍ଷ ବିତିଯିବା ପରେ—ଦର୍ଶାଯାଇଛି, ଗ୍ରହଣ କରାଯାଇପାରିବ ନାହିଁ—ତମାଦି ଅଧିନିୟମ ।*

*ଦେୱାନୀ ପ୍ରକ୍ରିୟା ସଂହିତା 1908 : ଆଦେଶ 1 ନିୟମ 9—ଆବଶ୍ୟକ ପକ୍ଷର ପକ୍ଷଭୁକ୍ତକରଣ ନହେବା—ପ୍ରଭାବ—ଦର୍ଶାଯାଇଛି, କୌଣସି ନ୍ୟାୟାଳୟ କିମ୍ବା ନ୍ୟାୟାଧିକାରଣ ସେହି ବ୍ୟକ୍ତିଙ୍କ ବିରୋଧରେ କୌଣସି ଆଦେଶ ପାରିତ କରିପାରିବେ ନାହିଁ ଯାହାଙ୍କ ଅଧିକାରଗୁଡ଼ିକ ତାଙ୍କୁ ପକ୍ଷଭୁକ୍ତ ନକରି ପ୍ରଭାବିତ ହେବ ।*

ଅପିଲକାରୀ, ଜଣେ ସାଧାରଣ ବର୍ଗର ପ୍ରାର୍ଥୀ, 1980-81 ନିଯୁକ୍ତି ବର୍ଷ ପାଇଁ ଉପ ଜିଲ୍ଲାପାଳ ପଦବୀରେ ନିଯୁକ୍ତି ପାଇବାରୁ ବଞ୍ଚିତ ହୋଇଥିଲେ । 10ଟି ପଦବୀ ଖାଲି ଥିଲା, ଯେଉଁଥିରୁ 5ଟି ସଂରକ୍ଷିତ ଏବଂ 5ଟି ସାଧାରଣ ବର୍ଗର ପ୍ରାର୍ଥୀଙ୍କ ପାଇଁ ଥିଲା । ଉତ୍ତରଦାତା 4 ରୁ 9 ଜଣ (ପଛୁଆ ବର୍ଗର ପ୍ରାର୍ଥୀ) ନିଯୁକ୍ତ ହୋଇଥିଲେ ।

ଅପିଲକାରୀ 1987 ମସିହାରେ ପ୍ରଶାସନିକ ନ୍ୟାୟାଧିକରଣ ସମ୍ମୁଖରେ ଉପରୋକ୍ତ ଉତ୍ତରଦାତାମାନଙ୍କ ନିଯୁକ୍ତିକୁ ଏହି ଆଧାରରେ ଆପତ୍ତି କରିଥିଲେ ଯେ, ଉକ୍ତ ନିଯୁକ୍ତିରେ ସଂରକ୍ଷଣ ନିୟମ ଉଲ୍ଲଂଘନ କରାଯାଇଥିଲା କାରଣ ସଂରକ୍ଷିତ ବର୍ଗରୁ ନିଯୁକ୍ତି ପାଇଥିବା ବ୍ୟକ୍ତିମାନେ ନିର୍ଦ୍ଧାରିତ ପ୍ରତିଶତଠାରୁ ଅଧିକ ଥିଲେ । ଅବହେଳା କାରଣରୁ ନ୍ୟାୟାଧିକରଣ ଆବେଦନକୁ ଖାରଜ କରିଦେଇଥିଲେ, କିନ୍ତୁ ଅବଲୋକନ କଲେ ଯେ, ଭବିଷ୍ୟତରେ ଖାଲି ପଦବୀ ପାଇଁ ପ୍ରତିନିଧିତ୍ୱକୁ ବିଚାର କରାଯାଇପାରିବ । ଅପିଲକାରୀ ନ୍ୟାୟାଧିକରଣଙ୍କ ଆଦେଶକୁ ଆପତ୍ତି କରିନଥିଲେ କିନ୍ତୁ ଲୋକସେବା ଆୟୋଗଙ୍କ ସମ୍ମୁଖରେ ପ୍ରତିନିଧିତ୍ୱ କରିଥିଲେ ଯାହାକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା । 1990 ମସିହାରେ ଅପିଲକାରୀ 1981 ମସିହାର ନିଯୁକ୍ତିକୁ ଆପତ୍ତି କରି ଆଉ

**ଏକ ଆବେଦନ ଦାଖଲ କରିଥିଲେ, ଯାହାକୁ ବିଳମ୍ବ ଜନିତ କାରଣରୁ ଖାରଜ କରାଯାଇଥିଲା । ଆଦେଶର ସମୀକ୍ଷା ମଧ୍ୟ ଖାରଜ କରାଯାଇଥିଲା ।**

**ଏହି ନ୍ୟାୟାଳୟରେ ଅପିଲ କରି, ଅପିଲକାରୀ ଯୁକ୍ତି ଦର୍ଶାଇଥିଲେ ଯେ, ଏହି ନିଯୁକ୍ତିଗୁଡ଼ିକ, ସଂରକ୍ଷଣ ନିୟମାବଳୀର ବିରୁଦ୍ଧାଚରଣ କରିଥିବାରୁ, ନିଯୁକ୍ତିଗୁଡ଼ିକ ଅବୈଧ ଏବଂ ନିଷ୍କ୍ରିୟ ଥିଲା ।**

**ଅପିଲକୁ ଖାରଜ କରି, ଏହି ନ୍ୟାୟାଳୟ**

**ଦର୍ଶାଇଥିଲେ : 1. ଏହି ବିଳମ୍ବ ପର୍ଯ୍ୟାୟରେ ଅପିଲକାରୀଙ୍କ ଯୁକ୍ତି ଗ୍ରହଣ କରାଯାଇପାରିବ ନାହିଁ । ଉପ ଜିଲ୍ଲାପାଳ ପଦବୀରେ ଉତ୍ତରଦାତାମାନଙ୍କ ନିଯୁକ୍ତି 1981 ମସିହାରେ ହୋଇଥିବା ସ୍ୱୀକାର କରାଯାଇଥିବା ତଥ୍ୟ ଉପରେ, 1990 ମସିହାରେ ନ୍ୟାୟାଧିକାରଣଙ୍କ ସମ୍ମୁଖରେ ଏକ ଆବେଦନ ୨ ବର୍ଷ ବିତିଯିବା ପରେ ଗ୍ରହଣ କରାଯାଇ ପାରିନଥାନ୍ତା ।**

**2. ଜଣେ ବ୍ୟକ୍ତିଙ୍କୁ ପକ୍ଷଭୁକ୍ତ ନକରି, ଯାହାର ଅଧିକାରଗୁଡ଼ିକ ପ୍ରଭାବିତ ହେବ, କୌଣସି ନ୍ୟାୟାଳୟ/ନ୍ୟାୟାଧିକାରଣ ତାଙ୍କ ବିରୁଦ୍ଧରେ କୌଣସି ଆଦେଶ ଦେଇପାରିବେ ନାହିଁ । ଏହି ସତ୍ୟକୁ ଦୃଷ୍ଟିରେ ରଖି ଯେ, ଅପିଲକାରୀ ପ୍ରଭାବିତ ବ୍ୟକ୍ତିଙ୍କୁ କାର୍ଯ୍ୟାନୁଷ୍ଠାନରେ ପକ୍ଷଭୁକ୍ତ କରିନାହାଁନ୍ତି, ସମ୍ବିଧାନର ଧାରା 136 ଅନୁଯାୟୀ ହସ୍ତକ୍ଷେପ ପାଇଁ କୌଣସି ଯଥାର୍ଥତା ନାହିଁ ।**

ଦେୱାନୀ ଅପିଲ କ୍ଷେତ୍ରାଧିକାର : ଦେୱାନୀ ଅପିଲ ସଂଖ୍ୟା 13238/1996 ।

ଓ.ଏ. ସଂଖ୍ୟା 40498/1990 ସହିତ ପଢାଯାଉଥିବା ଆର୍.ଏମ୍.ଏ. ସଂଖ୍ୟା 2191/1994ରେ ହାଇଦ୍ରାବାଦସ୍ଥିତ ଆନ୍ଧ୍ର ପ୍ରଦେଶ ପ୍ରଶାସନିକ ନ୍ୟାୟାଧିକରଣଙ୍କ 24.8.94 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀ ନିଜେ ।

ଉତ୍ତରଦାତା ସଂଖ୍ୟା 1-3 ପାଇଁ କେ. ରାମ କୁମାର ।

ନ୍ୟାୟାଳୟଙ୍କ ରାୟ ନିମ୍ନମତେ ପ୍ରଦାନ କରାଗଲା :

ପଟ୍ଟନାୟକ, ନ୍ୟାୟମୂର୍ତ୍ତି

ଅନୁମତି ପ୍ରଦାନ କରାଗଲା ।

ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ଆନ୍ଧ୍ରପ୍ରଦେଶ ପ୍ରଶାସନିକ ନ୍ୟାୟାଧିକରଣଙ୍କ ଓ.ଏ. ସଂଖ୍ୟା 40498/1990 ଭାବରେ ପଞ୍ଜୀକୃତ ଅପିଲକୁ ଖାରଜ କରିବାର ନିର୍ଦ୍ଦେଶ ଏବଂ 24 ଅଗଷ୍ଟ, 1994 ତାରିଖର ଆଦେଶ ଦ୍ୱାରା ଏମ୍.ଏ. ସଂଖ୍ୟା 2191/1994 ଭାବରେ ପଞ୍ଜୀକୃତ ଅପିଲକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ସମୀକ୍ଷା ଆବେଦନକୁ ଖାରଜ କରିବାର ନିର୍ଦ୍ଦେଶ ବିରୁଦ୍ଧରେ ନିର୍ଦ୍ଦେଶିତ ।

ଆନ୍ଧ୍ର ପ୍ରଦେଶ ଲୋକସେବା ଆୟୋଗର ସଚିବ 28 ଜାନୁଆରୀ, 1980ରେ ଏକ ଅଧିସୂଚନା ମାଧ୍ୟମରେ 1980-81 ନିଯୁକ୍ତି ବର୍ଷ ପାଇଁ ଉପ ଜିଲ୍ଲାପାଳ କ୍ୟାଡରରେ ଗ୍ରୁପ 1 ସେବାରେ 20ଟି ପଦବୀ ପାଇଁ ଏକ ବିଜ୍ଞାପନ ଜାରି କରିଛନ୍ତି । ଅପିଲକାରୀ ଯିଏ ଏଥିପାଇଁ ଆବେଦନ କରିବାକୁ ଯୋଗ୍ୟ ଏବଂ ଉପଯୁକ୍ତ ଥିଲେ, ସେ ଲୋକସେବା ଆୟୋଗଙ୍କ ଦ୍ୱାରା ପରିଚାଳିତ ଲିଖିତ ପରୀକ୍ଷାରେ ଉପସ୍ଥିତ ହୋଇଥିଲେ ଏବଂ 19 ଜାନୁଆରୀ, 1981ରେ ଅନୁଷ୍ଠିତ ସାକ୍ଷାତକାରରେ ମଧ୍ୟ ଉପସ୍ଥିତ ହୋଇଥିଲେ । ଉପ ଜିଲ୍ଲାପାଳଙ୍କ ପାଇଁ 10ଟି ପଦବୀ ପୂରଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା, ଯେଉଁଥିରୁ ଦୁଇଟି ପଦବୀ ଅନୁସୂଚିତ ଜାତି ପାଇଁ, ଗୋଟିଏ ପଛୁଆ ବର୍ଗ ଗ୍ରୁପ 'A' ପାଇଁ ଏବଂ ଦୁଇଟି ପଛୁଆ ବର୍ଗ ଗ୍ରୁପ 'D' ପାଇଁ ଏବଂ ଅବଶିଷ୍ଟ 5ଟି ଖୋଲା ପ୍ରତିଯୋଗିତାର ପ୍ରାର୍ଥୀଙ୍କ ପାଇଁ ଥିଲା । ଅପିଲକାରୀ ଶେଷ ବର୍ଗର ହୋଇଥିବା ବେଳେ ଉତ୍ତରଦାତା 4 ରୁ 9 ପଛୁଆ ବର୍ଗ ଶ୍ରେଣୀର ଅଟନ୍ତି । ନିଯୁକ୍ତି ଦେବା ସମୟରେ ସମ୍ପୃକ୍ତ କର୍ତ୍ତୃପକ୍ଷ ସଂରକ୍ଷଣ ନିୟମାବଳୀର ବ୍ୟବସ୍ଥାଗୁଡ଼ିକୁ ଉଲ୍ଲଂଘନ କରିଛନ୍ତି ଏବଂ ବାସ୍ତବରେ ସଂରକ୍ଷଣର ପ୍ରତିଶତ ଅପେକ୍ଷା ଅଧିକ ସଂରକ୍ଷିତ ବର୍ଗର ବ୍ୟକ୍ତିଙ୍କୁ ନିଯୁକ୍ତି ଦେଇଥିବା ଆଧାରରେ ଉତ୍ତରଦାତାମାନଙ୍କ ନିଯୁକ୍ତିକୁ ଆପତ୍ତି କରି ଅପିଲକାରୀ ଆନ୍ଧ୍ର ପ୍ରଦେଶ ପ୍ରଶାସନିକ ନ୍ୟାୟାଧିକରଣରେ ଏକ ଆବେଦନ ଦାଖଲ କରିଥିଲେ ଯାହା ଆର୍.ପି. ସଂଖ୍ୟା 6652 ଭାବରେ ପଞ୍ଜୀକୃତ ହୋଇଥିଲା । ତେବେ, ନ୍ୟାୟାଧିକରଣ 1981 ମସିହାରେ ହୋଇଥିବା ନିଯୁକ୍ତିରେ ହସ୍ତକ୍ଷେପ କରିନଥିଲେ, କାରଣ ଅପିଲକାରୀଙ୍କ ତରଫରୁ ନ୍ୟାୟାଧିକରଣଙ୍କ ନିକଟକୁ ଯିବାରେ ଅସୁବିଧା ହୋଇଥିଲା, କିନ୍ତୁ ଭବିଷ୍ୟତରେ କୌଣସି ଖାଲି ସ୍ଥାନ ପାଇଁ ଅପିଲକାରୀଙ୍କ ପ୍ରତିନିଧିତ୍ୱକୁ ବିଚାର କରାଯାଇପାରେ ବୋଲି ନ୍ୟାୟାଧିକରଣ କହିଥିଲେ । ଏହା ପରେ ଅପିଲକାରୀ ଲୋକସେବା ଆୟୋଗଙ୍କ ନିକଟରେ ଏକ ଆପତ୍ତି କରିଥିଲେ ଏବଂ ଆୟୋଗ ସେହି ସମାନ ଧାରଣାକୁ ପ୍ରତ୍ୟାଖ୍ୟାନ କରିଥିଲେ ଯେ, ଅନୁକମ୍ପା ଆଧାରରେ କାହାରି ଆବେଦନକୁ ବିଚାର କରିବାକୁ ଆୟୋଗଙ୍କ କୌଣସି କ୍ଷମତା ନାହିଁ । ତା'ପରେ ଅପିଲକାରୀ ନ୍ୟାୟାଧିକରଣରେ ଏକ ସାନି ଆବେଦନ ଦାଖଲ କରିଥିଲେ ଯାହା ଓ.ଏ.ସଂଖ୍ୟା 40498/1990 ଭାବରେ ପଞ୍ଜୀକୃତ

ହୋଇଥିଲା ଏବଂ ନ୍ୟାୟାଧିକରଣଙ୍କ ଦ୍ୱାରା ଉକ୍ତ ଆବେଦନକୁ ଖାରଜ କରାଯାଇଥିଲା କାରଣ 1980 ମସିହାରେ କରାଯାଇଥିବା ଚୟନକୁ 1994 ମସିହାରେ ରଦ୍ଦ କରାଯାଇପାରିବ ନାହିଁ ଯେତେବେଳେ ଉକ୍ତ ଚୟନକୁ ଆପତ୍ତି କରୁଥିବା ଆବେଦନ 1990 ମସିହାରେ ଶେଷ ସୁଦ୍ଧା ଦାଖଲ କରାଯାଇଥିଲା । ତା'ପରେ ଅପିଲକାରୀ ସମୀକ୍ଷା ପାଇଁ ଏକ ଆବେଦନ ଦାଖଲ କରିଥିଲେ ଏବଂ 24 ଅଗଷ୍ଟ, 1994 ତାରିଖର ଆକ୍ଷେପିତ ଆଦେଶ ଦ୍ୱାରା ସମୀକ୍ଷା ଆବେଦନକୁ ଖାରଜ କରାଯିବା ପରେ, ସେ ଏହି ନ୍ୟାୟାଳୟଙ୍କ ନିକଟବର୍ତ୍ତୀ ହୋଇଛନ୍ତି ।

ଅପିଲକାରୀ ଏହି ନ୍ୟାୟାଳୟରେ ବ୍ୟକ୍ତିଗତ ଭାବରେ ହାଜର ହୋଇଥିଲେ ଏବଂ ଯୁକ୍ତି ବାଢ଼ିଥିଲେ ଯେ, ସଂରକ୍ଷଣ ନିୟମବଳୀର ବିରୁଦ୍ଧାଚରଣ କରାଯାଇଥିବାରୁ, ଉକ୍ତ ନିଯୁକ୍ତିଗୁଡ଼ିକ ଅବୈଧ ଏବଂ ନିଷ୍କ୍ରିୟ ଅଟେ । ଅପିଲକାରୀଙ୍କ ନିଯୁକ୍ତିର ଅଧିକାରକୁ ବେଆଇନ ଭାବରେ ଛଡ଼ାଇ ନିଆଯାଇଛି, ତେଣୁ ଏହି ନ୍ୟାୟାଳୟ ସିଧାସଳଖ ଉତ୍ତରଦାତାମାନଙ୍କ ନିଯୁକ୍ତିକୁ ବାତିଲ କରିବା ଉଚିତ ଏବଂ ଅପିଲକାରୀଙ୍କ ନିଯୁକ୍ତିର ପୁନଃବିଚାର କରିବାକୁ ନିର୍ଦ୍ଦେଶ ଦେବା ଉଚିତ । ଏହି ବିଳମ୍ବ ପର୍ଯ୍ୟାୟରେ ଆମେ ଏହି ଯୁକ୍ତିକୁ ଗ୍ରହଣ କରିବାରେ ସକ୍ଷମ ନହୁଁ । ପୂର୍ବରୁ ଉଲ୍ଲେଖ କରାଯାଇଥିବା ପରି, ଅପିଲକାରୀ 1987 ମସିହାରେ ନ୍ୟାୟାଧିକରଣଙ୍କ ସମ୍ମୁଖରେ ଉତ୍ତରଦାତାମାନଙ୍କ ନିଯୁକ୍ତିକୁ ଆପତ୍ତି କରିଥିଲେ ଏବଂ ନ୍ୟାୟାଧିକରଣ 1981 ମସିହାରେ ହୋଇଥିବା ନିଯୁକ୍ତିରେ ହସ୍ତକ୍ଷେପ କରିନଥିଲେ ଏବଂ ଉକ୍ତ ଆଦେଶକୁ କୌଣସି ଉଚ୍ଚତର ନ୍ୟାୟାଳୟରେ ଆପତ୍ତି ନକରି ଚୂଡ଼ାନ୍ତ ହୋଇଥିଲା । ତା'ପରେ ଅପିଲକାରୀ 1990 ମସିହାରେ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ଦାଖଲ କରିଥିଲେ ଯାହାକୁ ଅବହେଳା କାରଣରୁ ଖାରଜ କରାଯାଇଥିଲା ଏବଂ ସମୀକ୍ଷା ପାଇଁ ଆବେଦନକୁ ଏହି ଆଧାରରେ ଖାରଜ କରାଯାଇଥିଲା ଯେ, ଆଦେଶର ଦୃଷ୍ଟିରେ କୌଣସି ଆଇନଗତ ତ୍ରୁଟି ନାହିଁ ଯାହା ନ୍ୟାୟାଧିକରଣଙ୍କ ଦ୍ୱାରା ସମୀକ୍ଷା କରାଯାଇପାରିବ । ଉପ ଜିଲ୍ଲାପାଳ ପଦବୀରେ 1981 ମସିହାରେ ଉତ୍ତରଦାତାମାନଙ୍କ ନିଯୁକ୍ତି ହୋଇଥିବା ସ୍ୱୀକାର କରାଯାଇଥିବା ତଥ୍ୟ ଉପରେ, 9 ବର୍ଷ ବିତିଯିବା ପରେ 1990 ମସିହାରେ ନ୍ୟାୟାଧିକରଣଙ୍କ ସମ୍ମୁଖରେ ଏକ ଆବେଦନ ଗ୍ରହଣ କରାଯାଇ ପାରି ନଥାନ୍ତା । ତା'ପରେ ପୁଣି ଥରେ ଅପିଲକାରୀଙ୍କ ପକ୍ଷରୁ ଏକ ଅତିରିକ୍ତ ପ୍ରତିବନ୍ଧକ ରହିଛି ଯଥା ପ୍ରଭାବିତ ବ୍ୟକ୍ତିମାନଙ୍କୁ କାର୍ଯ୍ୟାନୁଷ୍ଠାନରେ ପକ୍ଷଭୁକ୍ତ କରାଯାଏ ନାହିଁ । ଏହା ବହୁତ ଭଲ ଭାବରେ ସ୍ଥିର ହୋଇଛି ଯେ, ଜଣେ ବ୍ୟକ୍ତିଙ୍କୁ ଏକ ପକ୍ଷ ଭାବରେ ଅନ୍ତର୍ଭୁକ୍ତ ନ କରି ଯାହାର ଅଧିକାର ପ୍ରଭାବିତ ହେବ, କୌଣସି ନ୍ୟାୟାଳୟ/ନ୍ୟାୟାଧିକରଣ ତାଙ୍କ ବିରୁଦ୍ଧରେ କୌଣସି ଆଦେଶ ପାରିତ କରିପାରିବେ ନାହିଁ । ଉପରୋକ୍ତ ପରିସରରେ ଆମେ ନ୍ୟାୟାଧିକରଣଙ୍କ ଆକ୍ଷେପିତ ଆଦେଶ ସହିତ ସମ୍ବିଧାନର ଧାରା 136 ଅନୁଯାୟୀ ଆମର ହସ୍ତକ୍ଷେପ ପାଇଁ କୌଣସି

ଯଥାର୍ଥତା ପାଉନାହୁଁ । ତଦନୁସାରେ ଅପିଲକୁ ଖାରଜ କରାଗଲା କିନ୍ତୁ ପରିସ୍ଥିତିଗୁଡ଼ିକରେ ଖର୍ଚ୍ଚ ବିଷୟରେ କୌଣସି ଆଦେଶ ଦିଆଯିବ ନାହିଁ ।

କେ.କେ.ଟି                                                                                    ଅପିଲ ଖାରଜ କରାଗଲା ।

—— ০ ——

<u>ଅସ୍ୱୀକରଣ:</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

<u>ଅନୁବାଦକ</u>

ଯୋଗେଶ୍ୱର ହୋତା

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।